ପ୍ରେସ୍ ନୋଟ୍

# ସ୍ୱତନ୍ତ୍ର ଟୀକାକରଣ ଅଭିଯାନ ।

ଅନୁଗୋଳ,ତା.୦୬.୧୧:- ଜିଲ୍ଲାରେ ୯୦ ପ୍ରତିଶତ ଟୀକାକରଣକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟୀକାକରଣ ଅଭିଯାନ ଚାଲିବ । ଏହି ଅଭିଯାନର ସଠିକ୍ ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଟୀକା ନେବାରୁ ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡନ୍ତି ସେଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଯୁଗ୍ମ ଅନୁସନ୍ଧାନ ମେଡିକାଲ ସୁପରିଟେଣ୍ଡେଟ୍ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଂକୁ ନେଇ କରାଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦ୍ୱାରା ଏକ ଅଣୁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି । ସ୍ୱତନ୍ତ୍ର ଟୀକାକରଣ ଅଭିଯାନ ଅନୁଯାୟୀ ଜିଲ୍ଲାରେ ବାଦ୍ ପଡିଥିବା, ସାମିଲ ହୋଇ ନଥିବା ଓ ପ୍ରତିରୋଧ ଶକ୍ତି କମ୍ ଥିବା ୨ ବର୍ଷର ଶିଶୁ ସମସ୍ତଂକୁ ସ୍ଥିରିକୃତ ଟୀକାକରଣ ଡୋଜ୍ ଦିଆଯିବ । ୯୦ ପ୍ରତିଶତରୁ ଅଧିକ ସଫଳତା ପାଇଁ ଡି ପି ଟି ବୋଷ୍ଟର(ପ୍ରଥମ ଓ ଦ୍ୱିତୀୟ) ଡୋଜ୍ ଟୀକାକରଣ କରାଯିବ । ୧୦୦ ପ୍ରତିଶତ ଗର୍ଭବତୀ ମହିଳାମାନଂକୁ ଟି ଡି ଟୀକାକରଣର ସମସ୍ତ ଡୋଜ୍ ଦିଆଯିବ । ୬ଟି ବ୍ଲକ୍ ଅନୁଗୋଳ, ବଅଁରପାଳ, ଛେଣ୍ଡିପଦା, କଣିହାଁ, କିଶୋରନଗର ଓ ତାଳଚେରରେ ୮୫ ପ୍ରତିଶତରୁ କମ୍ ଥିବାରୁ ସମ୍ପୂର୍ଣ୍ଣ ଟୀକାକରଣ କରାଯିବ । ସ୍ଥିରିକୃତ ୬ଟି ବ୍ଲକ୍‌ରେ ବାଦ୍ ପଡିଥିବା ପିଲା ଓ ଗର୍ଭବତୀ ମା ମାନଂକୁ ଟୀକାକରଣ କରାଯିବ । ଟୀକାକରଣ ଚଳିତ ନଭେମ୍ବର ମାସରୁ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ୩ ମାସ ମଧ୍ୟରେ ହେବ । ପ୍ରତି ୭ ଦିନ ସରକାରୀ ଦିବସ ଗୁଡିକରେ ୩ ରାଉଣ୍ଡରେ ଏହି ଟୀକାରଣ କରାଯିବ । ସ୍ୱତନ୍ତ୍ର ଟୀକାକରଣ ଅଭିଯାନରେ ଜିଲ୍ଲା ଓ ବ୍ଲକ୍ ଗୁଡିକରେ ଟାସ୍କଫୋର୍ସ ବୈଠକ କରାଯିବ । ପଞ୍ଚାୟତ ନିର୍ବାଚିତ ଲୋକ ପ୍ରତିନିଧି ଓ ସ୍ୱାସ୍ଥ୍ୟ କର୍ମୀମାନେ ଟୀକାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ସ୍ୱତନ୍ତ୍ର ଟୀକାରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ଦି ମେଡିକ୍ସର ଶ୍ରୀ ଦିଲିପ ସାମଲଙ୍କ ସମେତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।